# NATIONAL NEWS BULLETIN (ODIA)

## 13 August - 2024

## Morning Bulletin : 7.15 A.M.

*********************************

## ମୁଖ୍ୟ ସମ୍ବାଦ

- ଉଚ୍ଚଶିକ୍ଷାନୁଷ୍ଠାନ ଗୁଡ଼ିକ ପାଇଁ ପ୍ରକାଶ ପାଇଲା ଜାତୀୟ ସଂସ୍ଥାଗତ ର୍‍ୟାଙ୍କିଙ୍ଗ୍ ତାଲିକା ।

– ସାମଗ୍ରିକ ବର୍ଗରେ ଆଇ.ଆଇ.ଟି. ମାଡ୍ରାସ୍ ଶୀର୍ଷରେ ।

- ଜମାକାରୀଙ୍କ ଜରୁରୀକାଳୀନ ପରିସ୍ଥିତିରେ ଅର୍ଥ ଉଠାଣ ନେଇ ନିୟମରେ ହେଲା ପରିବର୍ତ୍ତନ ।

- କୋଲକାତା ଆର୍.ଜୀ. କର ମେଡିକାଲ୍ କଲେଜ୍ ଦୁଷ୍କର୍ମ ଘଟଣାର ତଦନ୍ତ ପାଇଁ ପହଞ୍ଚିଲା ଜାତୀୟ ମହିଳା ଆୟୋଗ ।

- ପ୍ରତ୍ୟକ୍ଷ ଟିକସ ଆଦାୟ ପରିମାଣ ୨୩ ଦଶମିକ୍ ୯/୯ ପ୍ରତିଶତ ବୃଦ୍ଧି ।

ଏବଂ

- ଗ୍ରୀଷ୍ମ ପ୍ରବାହ ଯୋଗୁଁ ୟୁରୋପରେ ପ୍ରାଣ ହରାଇଛନ୍ତି ୪୭ ହଜାରରୁ ଅଧିକ ଲୋକ ।

# ଏନ୍ଆଇଆର୍ଏଫ୍-ର୍ୟାଙ୍କିଙ୍ଗ୍

ଭାରତୀୟ ପ୍ରଯୁକ୍ତି ବିଦ୍ୟା ପ୍ରତିଷ୍ଠାନ ମାଡ୍ରାସ ସାମଗ୍ରିକ ବର୍ଗରେ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକ ପାଇଁ ଜାତୀୟ ସଂସ୍ଥାଗତ ରାଙ୍କିଙ୍ଗ ଫ୍ରେମଓ୍ଵାର୍କ ୨୦୨୪ରେ ଶୀର୍ଷ ସ୍ଥାନରେ ରହିଛି। ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ ବାଙ୍ଗାଲୋର ଦ୍ୱିତୀୟ ଏବଂ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ବମ୍ବେ ତୃତୀୟ ସ୍ଥାନରେ ରହିଛି। ନୂଆଦିଲ୍ଲୀରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ମାନ୍ୟତା ତାଲିକା ପ୍ରକାଶ କରିଛନ୍ତି। ଶ୍ରୀ ପ୍ରଧାନ କହିଛନ୍ତି, ଜାତୀୟ ଶିକ୍ଷା ନୀତି ୨୦୨୦ର ମାନ୍ୟତା ହେଉଛି ଏହାର ମୁଖ୍ୟ ବୈଶିଷ୍ଟ୍ୟ। ଏହି ପ୍ରକ୍ରିୟାରେ ସମସ୍ତ ଶିକ୍ଷାନୁଷ୍ଠାନକୁ ସାମିଲ କରାଯିବା ଉଚିତ ବୋଲି ସେ କହିଛନ୍ତି। ଦେଶର ୫୮ ହଜାରରୁ ଅଧିକ ଶିକ୍ଷାନୁଷ୍ଠାନ ମଧ୍ୟରୁ ୬ ହଜାର ୫୦୦ ଅନୁଷ୍ଠାନ ଏହି ବ୍ୟବସ୍ଥାରେ ସାମିଲ ହୋଇଛନ୍ତି। ନୂଆ ପ୍ରତିଯୋଗିତା ବ୍ୟବସ୍ଥାରେ ସାମିଲ ହେବା ପାଇଁ ସମସ୍ତ ବେସରକାରୀ ଓ ସରକାରୀ ଅନୁଷ୍ଠାନ ଆବେଦନ କରିବାକୁ ସେ ଆହ୍ୱାନ ଦେଇଛନ୍ତି।

ବିଶ୍ୱବିଦ୍ୟାଳୟ ବର୍ଗରେ ଭାରତୀୟ ବିଜ୍ଞାନ ପ୍ରତିଷ୍ଠାନ (ଆଇଆଇଏସ୍‌ସି), ବେଙ୍ଗାଲୁରୁ, ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ (ଜେଏନ୍‌ୟୁ) ଏବଂ ଜାମିଆ ମିଲିଆ ଇସଲାମିଆ (ନୂଆଦିଲ୍ଲୀ) ଶୀର୍ଷ ୩ ଟି ସ୍ଥାନରେ ରହିଛନ୍ତି। ମ୍ୟାନେଜମେଣ୍ଟ ବର୍ଗରେ ଅହମ୍ମଦାବାଦ ଇଣ୍ଡିଆନ୍

ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ତାଲିକାର ଶୀର୍ଷରେ ରହିଛି । ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ବାଙ୍ଗାଲୋର ଦ୍ୱିତୀୟ ଏବଂ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ କୋଝିକୋଡ଼େ ତୃତୀୟ ସ୍ଥାନରେ ରହିଛି । ଡାକ୍ତରୀ ଶିକ୍ଷା ବର୍ଗରେ ଦିଲ୍ଲୀର ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ପ୍ରତିଷ୍ଠାନ ପ୍ରଥମ ସ୍ଥାନ ଅଧିକାର କରିଛି ।

## ଆର୍‌ବିଆଇ ନିୟମ-ଏନ୍‌ବିଏଫ୍‌ସି

ଯଦି କୌଣସି ଜମାକାରୀ ଚିକିତ୍ସା ଖର୍ଚ୍ଚ କିମ୍ବା ପ୍ରାକୃତିକ ବିପର୍ଯ୍ୟୟ ଭଳି ଜରୁରୀକାଳୀନ ପରିସ୍ଥିତିକୁ ଦର୍ଶାଇ ଟଙ୍କା ଉଠାଇବାକୁ ଚାହୁଁଛନ୍ତି ତେବେ ପ୍ରଥମ ତିନି ମାସ ମଧ୍ୟରେ ୧୦୦ ପ୍ରତିଶତ ଜମା ଟଙ୍କା ଫେରସ୍ତ କରିବାକୁ ଭାରତୀୟ ରିଜର୍ଭ ବ୍ୟାଙ୍କ  ଅଣ ବ୍ୟାଙ୍କିଙ୍ଗ୍ ଆର୍ଥିକ କମ୍ପାନିଗୁଡ଼ିକୁ ନିର୍ଦ୍ଦେଶ ଦେଇଛି । ଏଭଳି ସମୟ ପୂର୍ବରୁ ଟଙ୍କା ଉଠାଣ ଉପରେ କୌଣସି ସୁଧ ଦିଆଯିବ ନାହିଁ ବୋଲି ଆର୍‌ବିଆଇ  କହିଛି ।

ଯଦି କୌଣସି ଜମାକାରୀ ଅନ୍ୟ କୌଣସି କାରଣରୁ ଟଙ୍କା ଉଠାଇବାକୁ ଚାହୁଁଛନ୍ତି ତେବେ ଏନ୍‌ବିଏଫ୍‌ସି ବିନା ସୁଧରେ ଜମା ରାଶିର ୫୦ ପ୍ରତିଶତ ଦେଇପାରିବ । ଏଥିରେ କୁହାଯାଇଛି ଯେ ମୂଳ ରାଶିର ୫୦ ପ୍ରତିଶତରୁ ଅଧିକ କିମ୍ବା ୫ ଲକ୍ଷ ଟଙ୍କା, ଯାହା କମ୍ ଥିବ, ତାହା ଅକାଳରେ ପ୍ରଦାନ କରାଯାଇପାରିବ ନାହିଁ । ରିଜର୍ଭ ବ୍ୟାଙ୍କ ଏନ୍‌ବିଏଫ୍‌ସି ଗୁଡ଼ିକୁ ୧୪

ଦିନ ପୂର୍ବରୁ ଜମାକାରୀଙ୍କୁ ମାଚ୍ୟୁରିଟି ବିଷୟରେ ଜଣାଇବାକୁ କହିଛି, ବର୍ତ୍ତମାନର ନିୟମ ଅନୁଯାୟୀ ଏହା ଦୁଇ ମାସ ଧାର୍ଯ୍ୟ କରାଯାଇଛି। ଏହି ପରିବର୍ତ୍ତନ ଆସନ୍ତା ବର୍ଷ ଜାନୁଆରୀ ୨୦୨୫ରୁ ଲାଗୁ ହେବ ।

## ଏନ୍‌ସିଡବ୍ଲ୍ୟୁ-କୋଲକାତା

ଆର.ଜୀ. କର ମେଡିକାଲ କଲେଜ ଓ ହସ୍ପିଟାଲରେ ଜଣେ ମହିଳା ଡାକ୍ତରଙ୍କୁ ଦୁଷ୍କର୍ମ ଓ ହତ୍ୟା ଘଟଣାକୁ ଦୃଷ୍ଟିରେ ରଖି ଜାତୀୟ ମହିଳା ଆୟୋଗର ଦୁଇ ଜଣିଆ ଟିମ୍ ଗତ ସନ୍ଧ୍ୟାରେ କୋଲକାତାରେ ପହଞ୍ଚିଛନ୍ତି। ଏହି ଟିମ୍ ଲାଲ ବଜାରସ୍ଥିତ କୋଲକାତା ପୋଲିସ ମୁଖ୍ୟାଳୟ ପରିଦର୍ଶନ କରି ପୋଲିସ କମିଶନରଙ୍କୁ ଭେଟିଥିଲେ । ଆଜି ଏହି ଟିମ୍ ହସ୍ପିଟାଲ ପରିଦର୍ଶନ କରିବା ପରେ ଆୟୋଗଙ୍କୁ ରିପୋର୍ଟ ପ୍ରଦାନ କରିବ। ଶୁକ୍ରବାର ସକାଳେ ସମ୍ପୃକ୍ତ ମହିଳା ଡାକ୍ତରଙ୍କ ମୃତଦେହ ହସ୍ପିଟାଲ୍ ପରିସରରୁ ମିଳିଥିଲା।

## ନାମୋ ଟ୍ରେନ୍ ଟିକେଟ୍

ଭାରତୀୟ ରେଳବାଇ କ୍ୟାଟରିଂ ଆଣ୍ଡ ଟୁରିଜିମ୍ କର୍ପୋରେସନ୍ (ଆଇଆର୍‌ସିଟିସି) ଏବଂ ଜାତୀୟ ରାଜଧାନୀ ଅଞ୍ଚଳ ପରିବହନ ନିଗମ

(ଏନ୍‌ସିଆର୍‌ଟିସି) ମିଳିତ ଭାବେ ଭାରତୀୟ ରେଳବାଇ ଏବଂ ନମୋ ଇଣ୍ଡିଆ ଟ୍ରେନ୍ ଯାତ୍ରୀଙ୍କ ପାଇଁ 'ୱାନ୍ ଇଣ୍ଡିଆ-ୱାନ୍ ଟିକେଟ୍' ପଦକ୍ଷେପ ଆରମ୍ଭ କରିଛନ୍ତି। ଯାତ୍ରୀମାନେ ଆଇଆର୍‌ସିଟିସି ପ୍ଲାଟଫର୍ମ ମାଧ୍ୟମରେ ନମୋ ଇଣ୍ଡିଆ ପାଇଁ ବାତିଲ ଏବଂ ଦେୟ ବ୍ୟବସ୍ଥା ସହିତ ଟିକେଟ ବୁକ୍ କରିପାରିବେ ।

ଆଇଆର୍‌ସିଟିସି ଏକ ବିବୃତିରେ କହିଛି, ଯାତ୍ରୀମାନେ ନମୋ ଇଣ୍ଡିଆ ଟ୍ରେନ୍ ଟିକେଟ୍ ପାଇଁ କ୍ୟୁ.ଆର୍. କୋଡ୍ ସୃଷ୍ଟି କରିପାରିବେ। ଏହି କୋଡ୍ ଯାତ୍ରା ତାରିଖ ଠାରୁ ୪ ଦିନ ପର୍ଯ୍ୟନ୍ତ ବୈଧ ରହିବ। ବର୍ତ୍ତମାନର ସଂରକ୍ଷଣ ବ୍ୟବସ୍ଥା ଅନୁଯାୟୀ ନମୋ ଇଣ୍ଡିଆ ଟିକେଟ୍ ମଧ୍ୟ ୧୨୦ ଦିନ ପୂର୍ବରୁ ବୁକ୍ କରାଯାଇପାରିବ।

## ଇପିଏଫ୍‌ଓ-ଅଧିବେଶନ

କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ (ଇପିଏଫ୍‌ଓ) ଆଜି ଇପିଏଫ ଟ୍ରାନ୍ସଫର ଉପରେ ଏହାର ପଞ୍ଚମ ଅଧିବେଶନ ଆୟୋଜନ କରିବ। ଏହି ଅଧିବେଶନର ଉଦ୍ଦେଶ୍ୟ ହେଉଛି ସଦସ୍ୟ ଏବଂ ପେନସନ ଭୋଗୀମାନଙ୍କୁ ବିଭିନ୍ନ ସେବା ବିଷୟରେ ସୂଚନା ଦେବା । ଇପିଏଫ୍‌ଓର ଅଫିସିଆଲ ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମରେ ଏହି ସିଧା ପ୍ରସାରଣ କରାଯିବ । ଶ୍ରମ ଓ ନିଯୁକ୍ତି ମନ୍ତ୍ରଣାଳୟ ଏହାର ବିବୃତିରେ କହିଛି ଯେ

ଅଧିବେଶନ ସମୟରେ ଇପିଏଫ୍‌ଓ ଟ୍ରାନ୍ସଫରର ଗୁରୁତ୍ୱ, ଏହାର ପ୍ରକ୍ରିୟା ଏବଂ ଅଂଶଗ୍ରହଣକାରୀଙ୍କ ପ୍ରଶ୍ନର ଉତ୍ତର ବିଶେଷଜ୍ଞମାନେ ଦେବେ ।

## ପ୍ରଧାନ–ପଶ୍ଚିମବଙ୍ଗ ମାମଲା

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ପଶ୍ଚିମବଙ୍ଗରେ ଛାତ୍ରଛାତ୍ରୀଙ୍କ ସୁରକ୍ଷା ପ୍ରସଙ୍ଗ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଯାଦବପୁର ଘଟଣାର ପୁନରାବୃତ୍ତି ହୋଇଛି ବୋଲି ସେ କହିଛନ୍ତି। କୋଲକାତାର ଏକ ମେଡିକାଲ କଲେଜ ଓ ହସ୍ପିଟାଲରେ ଘଟିଥିବା ଘଟଣାକୁ ନେଇ ଶ୍ରୀ ପ୍ରଧାନ ନୂଆଦିଲ୍ଲୀରେ ସାମ୍ବାଦିକମାନଙ୍କୁ କହିଛନ୍ତି ଯେ ଏହି ଅପରାଧ ଜଘନ୍ୟ ଏବଂ ଏହାକୁ ସ୍ପଷ୍ଟ ଭାବେ ନିନ୍ଦା କରାଯିବା ଉଚିତ। ଏକ ସରକାରୀ ଅନୁଷ୍ଠାନରେ ଘଟିଥିବା ଏହି ଘଟଣା ପାଇଁ ପଶ୍ଚିମବଙ୍ଗ ସରକାରଙ୍କୁ ଜବାବ ଦେବାକୁ ପଡ଼ିବ ବୋଲି ସେ କହିଛନ୍ତି।

## ପ୍ରତ୍ୟକ୍ଷ ଟିକସ ଆଦାୟ

ଏପ୍ରିଲ ପହିଲାରୁ ଅଗଷ୍ଟ ୧୧ ତାରିଖ ମଧ୍ୟରେ ମୋଟ ପ୍ରତ୍ୟକ୍ଷ ଟିକସ ଆଦାୟ ଗତ ବର୍ଷ ସମାନ ସମୟ ତୁଳନାରେ ୨୩ଦଶମିକ ୯/୯ ପ୍ରତିଶତ ବୃଦ୍ଧି ପାଇ ୮ଲକ୍ଷ ୧୩ ହଜାର କୋଟି ଟଙ୍କାରେ ପହଞ୍ଚିଛି।

ଆୟକର ବିଭାଗ ସୂଚନା ଅନୁଯାୟୀ ଗତବର୍ଷ ଏହି ସମୟରେ ପ୍ରତ୍ୟକ୍ଷ ଟିକସ ଆଦାୟ ୬ଲକ୍ଷ ୫୫ ହଜାର କୋଟି ଟଙ୍କାରୁ ଅଧିକ ଥିଲା ।

## ୟୁରୋପ-ଗ୍ରୀଷ୍ମପ୍ରବାହ ଜନିତ ମୃତ୍ୟୁ

ବାର୍ସିଲୋନା ଇନଷ୍ଟିଚ୍ୟୁଟ୍ ଫର୍ ଗ୍ଲୋବାଲ ହେଲଥ୍‌ର ଏକ ରିପୋର୍ଟ ଅନୁଯାୟୀ, ୨୦୨୩ରେ ୟୁରୋପରେ ଅତ୍ୟଧିକ ଗରମ ଯୋଗୁଁ ୪୭ ହଜାରରୁ ଅଧିକ ଲୋକ ପ୍ରାଣ ହରାଇଛନ୍ତି । ରିପୋର୍ଟରେ କୁହାଯାଇଛି ଯେ ଦକ୍ଷିଣ ୟୁରୋପର ଦେଶଗୁଡ଼ିକ ଏଥିରେ ସର୍ବାଧିକ ପ୍ରଭାବିତ ହୋଇଛନ୍ତି । ଗତବର୍ଷ ବିଶ୍ୱର ସବୁଠାରୁ ଉତ୍ତପ୍ତ ବର୍ଷ ଥିଲା । ଗବେଷକମାନେ ଏହି ଅଧ୍ୟୟନ ପାଇଁ ୩୫ଟି ୟୁରୋପୀୟ ଦେଶର ମୃତ୍ୟୁ ଓ ତାପମାତ୍ରା ରେକର୍ଡକୁ ବ୍ୟବହାର କରିଥିଲେ । ଗ୍ରୀସ୍, ବୁଲଗେରିଆ, ଇଟାଲୀ ଓ ସ୍ପେନ୍‌ରେ ଗ୍ରୀଷ୍ମଜନିତ ମୃତ୍ୟୁ ହାର ସର୍ବାଧିକ ରହିଛି ବୋଲି ଏହି ରିପୋର୍ଟରେ କୁହାଯାଇଛି ।

## ଆମେରିକା-ଗାଜା ଶାନ୍ତି ଆଲୋଚନା

ଆମେରିକାର ବୈଦେଶିକ ବିଭାଗ କହିଛି ଯେ ଗାଜା ଶାନ୍ତି ଆଲୋଚନା ଯୋଜନା ଅନୁଯାୟୀ ଆଗକୁ ବଢିବ ବୋଲି ଆଶା

କରାଯାଉଛି । ବୈଦେଶିକ ମନ୍ତ୍ରଣାଳୟର ଉପମୁଖପାତ୍ର ବେଦାନ୍ତ ପଟେଲ ୱାଶିଂଟନରେ ସାମ୍ବାଦିକମାନଙ୍କୁ କହିଛନ୍ତି ଯେ ପାଲେଷ୍ଟାଇନ ଆତଙ୍କବାଦୀ ସଂଗଠନ ହମାସ ଗୁରୁବାର ଦିନ ମଧ୍ୟସ୍ଥିଙ୍କ ଦ୍ୱାରା ଡକାଯାଇଥିବା ବୈଠକରେ ଯୋଗ ଦେବା ନେଇ ସନ୍ଦେହ ପ୍ରକାଶ କରିବା ସତ୍ତ୍ୱେ ଆମେରିକା ଅସ୍ତ୍ରବିରତି ଚୁକ୍ତି ସମ୍ଭବ ହେବା ନେଇ ଆଶାବ୍ୟକ୍ତ କରିଛି । ଗାଜା ଅସ୍ତ୍ରବିରତି ଚୁକ୍ତି ପାଇଁ ଆଲୋଚନା ଆରମ୍ଭ କରିବା ପରିବର୍ତ୍ତେ ପୂର୍ବ ଆଲୋଚନା ଆଧାରରେ ଏକ ଯୋଜନା ଉପସ୍ଥାପନ କରିବାକୁ ହମାସ ଇତିମଧ୍ୟରେ ମଧ୍ୟସ୍ଥିମାନଙ୍କୁ ଅବଗତ କରାଇଛି।

## ଇସ୍ରାଏଲ୍-ବିଦେଶ ଗସ୍ତ

ଇସ୍ରାଏଲ ପ୍ରତିରକ୍ଷା ବାହିନୀ (ଆଇଡିଏଫ୍) କହିଛି ଯେ ଇରାନ ଏବଂ ହିଜବୁଲ୍ଲାର ସମ୍ଭାବ୍ୟ ପ୍ରତିଶୋଧମୂଳକ ଆକ୍ରମଣକୁ ନେଇ କଡ଼ା ଚେତାବନୀ ମଧ୍ୟରେ ଇସ୍ରାଏଲ ବାୟୁସେନା ଏହାର ଯବାନଙ୍କ ପାଇଁ ବିଦେଶ ଯାତ୍ରାକୁ ସ୍ଥଗିତ ରଖିଛି। ଆଇଡିଏଫ୍ କହିଛି ଯେ ବାୟୁସେନା କମାଣ୍ଡର ତୋମାର ବାର୍ ପରିସ୍ଥିତିର ଆକଳନ କରିବା ପରେ ବାୟୁସେନାର ସ୍ଥାୟୀ କର୍ମଚାରୀଙ୍କ ପାଇଁ ବିଦେଶୀ ଛୁଟି ଉପରେ ତୁରନ୍ତ ପ୍ରତିବନ୍ଧକ ଲଗାଇଛନ୍ତି। ସାଧାରଣ ନାଗରିକଙ୍କ ପାଇଁ ହୋମ୍ ଫ୍ରଣ୍ଟ୍ କମାଣ୍ଡର ନିର୍ଦ୍ଦେଶନାମାରେ କୌଣସି ପରିବର୍ତ୍ତନ କରାଯାଇନାହିଁ। ପଶ୍ଚିମ

ଏସିଆରେ ଆଞ୍ଚଳିକ ଉତ୍ତେଜନା ବୃଦ୍ଧି ପାଇବା ପରେ ଏହି ଘଟଣାକୁ ଗୁରୁତ୍ୱ ଦିଆଯାଉଛି ।

## ଜାତିସଂଘ-ସୋମାଲିଆ

ସୋମାଲିଆରେ ଗତ ଦୁଇ ମାସ ମଧ୍ୟରେ ଆଦିବାସୀ ସମ୍ପ୍ରଦାୟଙ୍କ ମଧ୍ୟରେ ସଂଘର୍ଷରେ ୩୯ରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଥିବା ଜାତିସଂଘ କହିଛି। ଏହି ସଂଘର୍ଷ ପାଇଁ ଜମି ବିବାଦକୁ ଦାୟୀ କରାଯାଇଛି। ମୁଦୁଗ ଅଞ୍ଚଳରେ ୩୫ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଲୁକ୍‌ରେ ୪ ଜଣ ପ୍ରାଣ ହରାଇଛନ୍ତି। ସୋମାଲିଆର ରାଜଧାନୀ ମୋଗାଦିଶୁରେ ଜାରି ଏକ ବିବୃତ୍ତିରେ ଜାତିସଂଘର ମାନବିକ ବ୍ୟାପାର ସମନ୍ୱୟ କାର୍ଯ୍ୟାଳୟ କହିଛି, ଜୁଲାଇ ପ୍ରାରମ୍ଭରେ ଲୁକ୍‌ରେରେ ହୋଇଥିବା ହିଂସାଯୋଗୁଁ ପ୍ରାୟ ୪୨ହଜାର ଲୋକ ବିସ୍ଥାପିତ ହୋଇଥିଲେ।

## ସୂଚନା ଓ ପ୍ରସାରଣ - ଡ୍ରାଫ୍ଟ ବିଲ୍

ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଡ୍ରାଫ୍ଟ ବ୍ରଡକାଷ୍ଟିଂ ସର୍ଭିସେସ୍ (ରେଗୁଲେସନ୍) ବିଲ୍ ଉପରେ ମତାମତ ଏବଂ ପରାମର୍ଶ ଗ୍ରହଣ କରିବାର ସମୟସୀମାକୁ ଚଳିତ ବର୍ଷ ଅକ୍ଟୋବର ୧୫ ପର୍ଯ୍ୟନ୍ତ ବୃଦ୍ଧି କରିଛି ଏବଂ

ବିସ୍ତୃତ ବିଚାର ବିମର୍ଶ ପରେ ଏକ ନୂତନ ଡ୍ରାଫ୍ଟ ଆଇନ ପ୍ରକାଶ ପାଇବ ବୋଲି କହିଛି। ଗତ ବର୍ଷ ନଭେମ୍ବର ମାସରେ ଏହି ଡ୍ରାଫ୍ଟ ବିଲ୍‌କୁ ସାର୍ବଜନୀନ କରାଯିବା ସହ ହିତାଧିକାରୀ ଏବଂ ସାଧାରଣ ଜନତାଙ୍କ ମତାମତ ପାଇଁ ସ୍ପଷ୍ଟୀକରଣ ମଗା ଯାଇଥିଲା। ମନ୍ତ୍ରଣାଳୟ କହିଛି ଯେ ଡ୍ରାଫ୍ଟ ବିଲ୍ ଉପରେ ଅନେକ ସୁପାରିସ, ମନ୍ତବ୍ୟ ଏବଂ ପରାମର୍ଶ ମିଳିଛି। ମନ୍ତ୍ରଣାଳୟ ମଧ୍ୟ ଡ୍ରାଫ୍ଟ ବିଲ୍ ଉପରେ ଆବଶ୍ୟକୀୟ ବିଚାର ବିମର୍ଶ କରୁଛି।

## ଗ୍ରୀସ୍-ଜଙ୍ଗଲରେ ନିଆଁ

ଗ୍ରୀସ୍‌ରେ ସୃଷ୍ଟି ହୋଇଥିବା ଜଙ୍ଗଲ ନିଆଁ ଏଥେନ୍ସ ଉପାନ୍ତ ଅଞ୍ଚଳକୁ ବ୍ୟାପିବାରୁ ଶହ ଶହ ଲୋକ ପଳାୟନ କରିବାକୁ ବାଧ୍ୟ ହୋଇଛନ୍ତି। ଅଗ୍ନିକାଣ୍ଡରେ ଗଛ, ଘର ଓ ଯାନବାହାନ ନଷ୍ଟ ହେବା ସହ ରାସ୍ତାଘାଟ ଧୂଆଁ ଓ ପାଉଁଶରେ ଭର୍ତ୍ତି ହୋଇଯାଇଛି। ଦ୍ୱିତୀୟ ଦିନ ପାଇଁ ନିୟନ୍ତ୍ରଣ ବାହାରେ ଲାଗିଥିବା ନିଆଁର ମୁକାବିଲା ଲାଗି ସରକାର ୟୁରୋପୀୟ ସଂଘର ସହଯୋଗୀ ସଦସ୍ୟମାନଙ୍କୁ ସାହାଯ୍ୟ ମାଗିଛନ୍ତି। ଝଡ଼ତୋଫାନ ଯୋଗୁଁ ନିଆଁ ଆହୁରି ବ୍ୟାପିଛି। ସେଠାକାର ଅଗ୍ନିଶମ ବିଭାଗ କହିବା ଅନୁଯାୟୀ କର୍ମଚାରୀମାନେ କହିଛନ୍ତି, ଏହା ଦୁଇ ଦଶନ୍ଧି ମଧ୍ୟରେ ସବୁଠାରୁ ଭୟଙ୍କର ଅଗ୍ନିକାଣ୍ଡ ଏବଂ ଏହା ଉଚ୍ଚ ଅଟ୍ଟାଳିକା, ସ୍କୁଲ ଓ ବ୍ୟବସାୟ ପ୍ରତିଷ୍ଠାନ ପ୍ରତି ବିପଦ ସୃଷ୍ଟି କରିପାରେ ।